## ଶ୍ରୀ ରବିନ୍ଦ୍ରନାଥ ମୁଖୋପାଧ୍ୟାୟ ଏବଂ ଅନ୍ୟଜଣେ

## ବନାମ

## କୋଲ୍ ଇଣ୍ଡିଆ ଲିମିଟେଡ୍ ଏବଂ ଅନ୍ୟଜଣେ

## ଫେବୃଆରୀ 28, 1997

## [କେ. ରାମସ୍ୱାମୀ ଏବଂ ସୁଜାତା ଭି. ମନୋହର, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଏଲ୍.ଟି.ସି. — ଏକ ନିର୍ଦ୍ଦିଷ୍ଟ ତାରିଖରୁ କାର୍ଯ୍ୟକାରୀ ହେବାକୁ ଥିବା ସୁବିଧାର ନଗଦୀକରଣ କରିବାର ବିକଳ୍ପ — କମ୍ପାନୀର କାର୍ଯ୍ୟନିର୍ବାହୀମାନଙ୍କୁ 1.1.1997 ରୁ ପ୍ରକୃତ ଭ୍ରମଣ ପ୍ରମାଣପତ୍ର ବିନା ଏଲ୍.ଟି.ସି. ସୁବିଧା ଉପଭୋଗ କରିବା କିମ୍ବା ଏହାକୁ ନଗଦ ଟଙ୍କାରେ ପରିଣତ କରିବାର ବିକଳ୍ପ ଦିଆଯାଇଥିଲା — 1.1.1997 ତାରିଖକୁ କାର୍ଯ୍ୟକାରୀ ତାରିଖ ଭାବେ ଧାର୍ଯ୍ୟ କରିବାକୁ ସେହି କର୍ମଚାରୀମାନଙ୍କ ପ୍ରତି ପାତରଅନ୍ତର ବୋଲି ଆପତ୍ତି କରାଯାଇଥିଲା, ଯେଉଁମାନେ ଉକ୍ତ ତାରିଖ ପୂର୍ବରୁ ଅବସର ଗ୍ରହଣ କରିବେ — ଏହା ନିର୍ଣ୍ଣୟ ନିଆଗଲା ଯେ, ଏହା ଏକ ନୀତିଗତ ନିଷ୍ପତ୍ତି ଏବଂ ସେହି ଶ୍ରେଣୀର ସମସ୍ତ କର୍ମଚାରୀଙ୍କ ପାଇଁ ସମାନ ଭାବେ ପ୍ରଯୁଜ୍ୟ ହେଉଥିବାରୁ, ତାରିଖ ନିର୍ଦ୍ଧାରଣରେ କୌଣସି ମନମୁଖୀପଣିଆ ନାହିଁ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 3655/1997 ।

ଏଲ୍.ପି.ଏ. ସଂଖ୍ୟା 255/1996 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ 15.1.97 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଆବେଦନକାରୀ ସଂଖ୍ୟା 1 ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇଛନ୍ତି ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ଏଲ୍.ପି.ଏ. ସଂଖ୍ୟା 255/96 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଏକ ଖଣ୍ଡପୀଠଙ୍କ ଦ୍ୱାରା 1997 ମସିହା ଜାନୁଆରୀ 15 ତାରିଖରେ ଦିଆଯାଇଥିବା ରାୟ ବିରୁଦ୍ଧରେ ବିଶେଷ ଅନୁମତି ଜରିଆରେ ଏହି ଆବେଦନ କରାଯାଇଛି । ପ୍ରଥମ ଉତ୍ତରଦାତା

ନିଜର କାର୍ଯ୍ୟନିର୍ବାହୀ ବର୍ଗର କର୍ମଚାରୀମାନଙ୍କ ପାଇଁ ଏଲ୍.ଟି.ସି. ନିୟମାବଳୀ ପ୍ରଣୟନ କରିଥିଲେ ଏବଂ ଏହା ଶେଷଥର ପାଇଁ 15 ମେ, 1989 ରେ ସଂଶୋଧିତ ହୋଇଥିଲା । ଏହା ଅଧୀନରେ ଖଣ୍ଡ 1 (b) (ii) ରେ ଉଲ୍ଲେଖ ରହିଛି ଯେ:

> "1 ଜାନୁଆରୀ, 1976 ରୁ ଆରମ୍ଭ ହେଉଥିବା ପ୍ରତି 4 କ୍ୟାଲେଣ୍ଡର ବର୍ଷର ଏକ ବ୍ଲକ୍ ମଧ୍ୟରେ ଥରେ, କାର୍ଯ୍ୟନିର୍ବାହୀ ବର୍ଗର କର୍ମଚାରୀମାନେ ଭାରତର ଯେକୌଣସି ସ୍ଥାନକୁ ଭ୍ରମଣ ପାଇଁ ଏହି ନିୟମ ଅନୁଯାୟୀ ରିହାତି ପାଇବାକୁ ହକଦାର ହେବେ । ତେବେ, ଏହି ରିହାତି ସେହି ବର୍ଷର ନିଜ ଗ୍ରାମ କିମ୍ବା ସହରକୁ ଯିବା ଏବଂ ଆସିବା ପାଇଁ ଉଦ୍ଦିଷ୍ଟ ଏଲ୍.ଟି.ସି. ସୁବିଧା ବଦଳରେ ପ୍ରଦାନ କରାଯିବ । 4 ବର୍ଷରେ ଥରେ ଭାରତର ଯେକୌଣସି ସ୍ଥାନକୁ ଭ୍ରମଣ ପାଇଁ ଏଲ୍.ଟି.ସି. ର ଏହି ସୁବିଧା ସେହି କର୍ମଚାରୀମାନଙ୍କ ପାଇଁ ମଧ୍ୟ ଉପଲବ୍ଧ ହେବ, ଯାହାଙ୍କର ଗ୍ରାମ ଏବଂ କାର୍ଯ୍ୟକ୍ଷେତ୍ର ସମାନ କିମ୍ବା ଅତି ନିକଟବର୍ତ୍ତୀ ଏବଂ ସେଥିପାଇଁ ସେମାନେ ଗ୍ରାମକୁ ଯିବା ପାଇଁ ଏଲ୍.ଟି.ସି. ପାଇବାକୁ ହକଦାର ନୁହଁନ୍ତି । 4 ବର୍ଷର ଏକ ବ୍ଲକ୍ ମଧ୍ୟରେ ଭାରତର ଯେକୌଣସି ସ୍ଥାନ ଭ୍ରମଣ ପାଇଁ ଉପଲବ୍ଧ ସୁବିଧା ଅନୁଯାୟୀ, କର୍ମଚାରୀ ଏବଂ/କିମ୍ବା ତାଙ୍କ ପରିବାରର ସଦସ୍ୟମାନେ ସେହି ଏକା ସ୍ଥାନକୁ କିମ୍ବା ସେମାନଙ୍କ ପସନ୍ଦର ବିଭିନ୍ନ ସ୍ଥାନକୁ ଭ୍ରମଣ ପାଇଁ ଏଲ୍.ଟି.ସି. ସୁବିଧା ଗ୍ରହଣ କରିପାରିବେ ।"

ପରବର୍ତ୍ତୀ ସମୟରେ, 14 ସେପ୍ଟେମ୍ବର, 1996 ର ସଂକଳ୍ପ ସଂଖ୍ୟା 159 ଦ୍ୱାରା, ଉତ୍ତରଦାତା କମ୍ପାନୀ କିମ୍ବା ଏହାର ଅନୁବନ୍ଧିତ କମ୍ପାନୀଗୁଡ଼ିକର କାର୍ଯ୍ୟନିର୍ବାହୀ କର୍ମଚାରୀମାନଙ୍କୁ କୌଣସି ପ୍ରମାଣପତ୍ର ଦାଖଲ ନକରି ଏଲ୍.ଟି.ସି. ସୁବିଧା ପାଇବା ପାଇଁ ନିମ୍ନଲିଖିତ ବିକଳ୍ପ ପ୍ରଦାନ କରିଥିଲେ, ଯାହା ନିମ୍ନରେ ବିସ୍ତୃତ ଭାବେ ଦିଆଯାଇଛି:

> "କାର୍ଯ୍ୟନିର୍ବାହୀମାନେ 01.01.1997 ଠାରୁ କାର୍ଯ୍ୟକାରୀ ହେବାକୁ ଥିବା ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏକୁ ଚୟନ କରିପାରିବେ:
>
> (a) ଏଲ୍.ଟି.ସି. ର ବିଦ୍ୟମାନ ସୁବିଧା, ଅର୍ଥାତ୍ କାର୍ଯ୍ୟନିର୍ବାହୀମାନେ ନିଜର ଯୋଗ୍ୟ ପରିବାର ସଦସ୍ୟଙ୍କ ସହ ଚାରି ବର୍ଷର ଏକ ବ୍ଲକ୍ ମଧ୍ୟରେ ଥରେ ଯୋଗ୍ୟ

ଶ୍ରେଣୀର ଭ୍ରମଣ ମାଧ୍ୟମରେ ଭାରତର ଯେକୌଣସି ସ୍ଥାନ ପରିଦର୍ଶନ କରିପାରିବେ ।

କିମ୍ବା

(b) କର୍ମଚାରୀ ଏବଂ ଯୋଗ୍ୟ ପରିବାର ସଦସ୍ୟଙ୍କ ପାଇଁ ଉଭୟ ପାର୍ଶ୍ୱରେ ସର୍ବାଧିକ 1700 କିଲୋମିଟର ପର୍ଯ୍ୟନ୍ତ ଯୋଗ୍ୟ ଶ୍ରେଣୀର ରେଳ ଭଡ଼ାର ସୀମା ଭିତରେ ରହି ଏଲ୍.ଟି.ସି. ସୁବିଧାର ନଗଦୀକରଣ କରିପାରିବେ ।

(ii) ଏହି ଏକକାଳୀନ ବିକଳ୍ପ 31.12.1996 ପୂର୍ବରୁ କାର୍ଯ୍ୟକାରୀ ହେବା ଆବଶ୍ୟକ ।

(iii) କାର୍ଯ୍ୟନିର୍ବାହୀମାନଙ୍କୁ ପ୍ରଯୁଜ୍ୟ କର ପ୍ରଦାନ କରିବାକୁ ହେବ ।

ଏହା 1997 ମସିହା ଜାନୁଆରୀ 1 ଠାରୁ କାର୍ଯ୍ୟକାରୀ ହେବ" ।

ଫଳସ୍ୱରୂପ, ଉପରୋକ୍ତ 14 ସେପ୍ଟେମ୍ବର, 1996 ର ସଂକଳ୍ପ ଅନୁଯାୟୀ ଗ୍ରାମକୁ ଯିବା ପାଇଁ ଉଦ୍ଦିଷ୍ଟ ଏଲ୍.ଟି.ସି. ସୁବିଧାକୁ ଭାରତର ଯେକୌଣସି ସ୍ଥାନକୁ ଭ୍ରମଣ ପାଇଁ ମଧ୍ୟ ସମ୍ପ୍ରସାରିତ କରାଗଲା । ପ୍ରକୃତ ଭ୍ରମଣର ପ୍ରମାଣପତ୍ର ଦାଖଲ କରିବା ପରିବର୍ତ୍ତେ, କାର୍ଯ୍ୟନିର୍ବାହୀମାନଙ୍କୁ ଏହି ସୁବିଧା ଗ୍ରହଣ କରିବା କିମ୍ବା ଏଲ୍.ଟି.ସି. ସୁବିଧାର ନଗଦୀକରଣ କରିବା ପାଇଁ ଏକ ବିକଳ୍ପ ଦିଆଯାଇଛି, ଯାହା କର୍ମଚାରୀ ଏବଂ ପରିବାର ସଦସ୍ୟଙ୍କ ପାଇଁ ଉଭୟ ପାର୍ଶ୍ୱରୁ ସର୍ବାଧିକ 1700 କିଲୋମିଟର ପର୍ଯ୍ୟନ୍ତ ଯୋଗ୍ୟ ଶ୍ରେଣୀର ରେଳ ଭଡ଼ା ସୀମା ମଧ୍ୟରେ ରହିବ । କିନ୍ତୁ ଉପରୋକ୍ତ ନିଷ୍ପତ୍ତିକୁ 1 ଜାନୁଆରୀ, 1997 ରୁ କାର୍ଯ୍ୟକାରୀ କରାଯାଇଛି । ବ୍ୟକ୍ତିଗତ ଭାବେ ହାଜର ହୋଇଥିବା ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଏବଂ ଆମ ସମ୍ମୁଖରେ ଯୁକ୍ତି କରିଛନ୍ତି ଯେ ତାରିଖ ନିର୍ଦ୍ଧାରଣ ମନମୁଖୀ ଅଟେ । ଆମେ ଏହି ଯୁକ୍ତିରେ କୌଣସି ଦୃଢତା ପାଉନାହୁଁ । ଏହା ଦେଖାଯାଉଛି ଯେ, 10 ଅକ୍ଟୋବର, 1996 ର କାର୍ଯ୍ୟାନୁଷ୍ଠାନ ଦ୍ୱାରା ଅବଗତ କରାଯାଇଥିବା ଉକ୍ତ ସଂକଳ୍ପ ଅନୁଯାୟୀ, କାର୍ଯ୍ୟ ନିର୍ବାହୀ ସୁବିଧା ପରିବର୍ତ୍ତେ ଏଲ୍.ଟି.ସି. ସୁବିଧା ପାଇବାକୁ ହକଦାର ଜଣେ କର୍ମଚାରୀଙ୍କୁ ଦୁଇଟି ବିକଳ୍ପ ଦିଆଯାଇଛି, ଯଥା - 4 ବର୍ଷର ଏକ ବ୍ଲକ୍ ମଧ୍ୟରେ ଥରେ ପ୍ରକୃତରେ ଭ୍ରମଣ କରିବା, ଯାହା ଏକ ସାଧାରଣ ଏବଂ ଉତ୍ତମ ନୀତି ଯଦ୍ୱାରା କର୍ମଚାରୀଙ୍କ ଚିନ୍ତାଧାରା ଓ କାର୍ଯ୍ୟଶୈଳୀ ବ୍ୟାପକ ହୋଇଥାଏ; ଏବଂ ପ୍ରକୃତରେ ଭ୍ରମଣ କରିବା ପରିବର୍ତ୍ତେ ତାହାର ନଗଦୀକରଣ କରିବା, ଯାହା ଏକ ବ୍ୟତିକ୍ରମ ଅଟେ ଏବଂ ଏଥିପାଇଁ ଭ୍ରମଣ ପ୍ରମାଣପତ୍ର ଓ

ସେଥିପାଇଁ ହୋଇଥିବା ଖର୍ଚ୍ଚର ପ୍ରମାଣ ଦେବା ଆବଶ୍ୟକତାକୁ ଛାଡ଼ କରାଯାଇଛି । ଏହା ଉତ୍ତରଦାତା-ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ଏକ ନୀତିଗତ ନିଷ୍ପତ୍ତି ହୋଇଥିବାରୁ, ଏହି ନୀତିକୁ 1 ଜାନୁଆରୀ, 1997 ରୁ କାର୍ଯ୍ୟକାରୀ କରାଯାଇଛି, ଯାହା ସ୍ପଷ୍ଟତଃ କ୍ୟାଲେଣ୍ଡର ବର୍ଷର ଆରମ୍ଭ ଅଟେ । ଏହା ସେହି ଶ୍ରେଣୀର ସମସ୍ତ କର୍ମଚାରୀଙ୍କ ପାଇଁ ସମାନ ଭାବେ ପ୍ରଯୁଜ୍ୟ । ଏପରି ପରିସ୍ଥିତିରେ, ଆମେ ମନେ କରୁନାହୁଁ ଯେ ତାରିଖ ନିର୍ଦ୍ଧାରଣରେ କୌଣସି ମନମୁଖୀପଣିଆ ରହିଛି ।

ତା'ପରେ ଏହା ଯୁକ୍ତି କରାଯାଇଛି ଯେ 1.1.1997 କୁ ତାରିଖ ଭାବେ ନିର୍ଦ୍ଧାରଣ କରିବା ଦ୍ୱାରା, ସେହି ତାରିଖ ପୂର୍ବରୁ ଅବସର ନେଇଥିବା ଏବଂ 1.1.1997 ପରେ ଅବସର ନେବାକୁ ଥିବା ସମସ୍ତ ଶ୍ରେଣୀର କର୍ମଚାରୀଙ୍କ ମଧ୍ୟରେ ପାତରଅନ୍ତର କରାଯାଇଛି । ଏହା ସେହି କର୍ମଚାରୀମାନଙ୍କ ପାଇଁ ଏକ ଦୈବାଗତ ସ୍ଥିତି ହୋଇପାରେ ଯେଉଁମାନେ ଏଲ୍.ଟି.ସି. ନଗଦୀକରଣ ସୁବିଧା ଗ୍ରହଣ ନ କରି 31 ଡିସେମ୍ବର, 1996 ରେ କିମ୍ବା ତା' ପୂର୍ବରୁ ଅବସର ନେଉଛନ୍ତି, କିନ୍ତୁ ତଥାପି ପ୍ରଦତ୍ତ ବିକଳ୍ପ ବ୍ୟବସ୍ଥା ଅନୁଯାୟୀ ସେମାନଙ୍କୁ ପ୍ରକୃତ ଭ୍ରମଣ ସୁବିଧାରୁ ବଞ୍ଚିତ କରାଯାଇ ନାହିଁ । ଏହି ବିକଳ୍ପ କେବଳ ନଗଦୀକରଣ ପାଇଁ ଉଦ୍ଦିଷ୍ଟ ଏବଂ ଏହା ଭ୍ରମଣ ଉପରେ କୌଣସି ନିଷେଧାଦେଶ ଜାରି କରେ ନାହିଁ । ତା'ପରେ ଯୁକ୍ତି କରାଯାଇଛି ଯେ 1.1.1996 ରୁ ଆରମ୍ଭ ହେଉଥିବା ଚାରି ବର୍ଷର ବ୍ଲକ୍, ବର୍ତ୍ତମାନର କାର୍ଯ୍ୟାନୁଷ୍ଠାନରେ ଚାରି ବର୍ଷର ବ୍ଲକ୍ ନିର୍ଦ୍ଧାରଣ କରିବା ଦ୍ୱାରା ଘୁଞ୍ଚିଯିବ ଏବଂ ଜଣେ କର୍ମଚାରୀ ଦୁଇଟି ସୁବିଧା ପାଇବାରୁ ବଞ୍ଚିତ ହେବେ । ଆମେ ଏହି ଯୁକ୍ତିରେ ମଧ୍ୟ କୌଣସି ଦୃଢତା ପାଉନାହୁଁ । ସେମାନେ ସୁବିଧା ଗ୍ରହଣ ଉଦ୍ଦେଶ୍ୟରେ ବ୍ଲକ୍ ବର୍ଷର ଆରମ୍ଭକୁ ପରିବର୍ତ୍ତନ କରିନାହାଁନ୍ତି ଏବଂ ଏହା ମୂଳତଃ ଆରମ୍ଭ ହୋଇଥିବା ସମୟ ଅନୁଯାୟୀ କାର୍ଯ୍ୟକାରୀ ରହିଛି । ଏହା କେବଳ ଏକ ନିର୍ଦ୍ଦିଷ୍ଟକରଣ ଯେ ଚାରି ବର୍ଷର ଏକ ବ୍ଲକ୍ ମଧ୍ୟରେ ଥରେ ଏଲ୍.ଟି.ସି. ର ଉପଲବ୍ଧତା କିମ୍ବା ଏଲ୍.ଟି.ସି. ର ନଗଦୀକରଣ ସୁବିଧା ଉପଲବ୍ଧ ହେବ । ଏହାର ପ୍ରଭାବ ବ୍ଲକ୍ ଅବଧିର ଗଣନାକୁ ସ୍ଥାନାନ୍ତରିତ କରେ ନାହିଁ ।

ଏପରି ପରିସ୍ଥିତିରେ, ଆମେ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିରେ କୌଣସି ବେଆଇନତା ପାଉନାହୁଁ ଯାହା ହସ୍ତକ୍ଷେପର ଆବଶ୍ୟକତା ରଖେ ।

ବିଶେଷ ଅନୁମତି ଆବେଦନଟିକୁ ଖାରଜ କରାଯାଉଛି ।

ଆର୍.ପି. ଆବେଦନ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*<u>ଭାଷାନ୍ତର :</u>*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**